# ଅନୁବାଦ ମୋ ପାଇଁ ଏକ ସୃଜନଶୀଳ କଳା

## ସୁଭାଷ ଶତପଥୀଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମି ପୁରସ୍କାର



ରସ୍କିନ ବଣ୍ଡଙ୍କ ଆତ୍ମଜୀବନୀ Lone fox dancing ର ଓଡ଼ିଆ ଅନୁବାଦ ଲୋକିଶିଆଳର ଏକକ ନୃତ୍ୟ ପାଇଁ ବିଶିଷ୍ଟ ଅନୁବାଦକ ସୁଭାଷ ଶତପଥୀଙ୍କୁ ୨୦୨୪ ମସିହାର କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର ଲାଗି ମନୋନୀତ କରାଯାଇଛି । ଏହି ପୁରସ୍କାର ବାବଦକୁ ନଗଦ ୫୦ ହଜାର ଟଙ୍କା, ମାନପତ୍ର ଓ ଏକେଡେମୀର ପ୍ରଶସ୍ତି ଫଳକ ପ୍ରଦାନ କରାଯାଇଥାଏ । ପୁସ୍ତକଟି ଅର୍ଯ୍ୟ ବେଦାନ୍ତ ପବ୍ଲିକେଶନ (ଭୁବନେଶ୍ୱର) ଦ୍ୱାରା ୨୦୨୨ରେ ପ୍ରକାଶିତହୋଇଥିଲା । ଶ୍ରୀ ଶତପଥୀ ୨୦୧୪ରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ସମେତ କାଦମ୍ବିନୀ ପୁରସ୍କାର, ତାର ତରଙ୍ଗ ପୁରସ୍କାର ଏବଂ ମନ୍ଥନ ପୁରସ୍କାର ଲାଭ କରିଛନ୍ତି ।

୧୮ ଅପ୍ରେଲ ୧୯୬୩ ମସିହାରେ ଜନ୍ମିତ ଶ୍ରୀ ଶତପଥୀ ଇଂରାଜୀ ଭାଷା ସାହିତ୍ୟରେ ସ୍ନାତକୋତ୍ତର ଶିକ୍ଷାଲାଭ କରିଛନ୍ତି । ସେ ବର୍ତ୍ତମାନ 'ପ୍ରମେୟ' ସମ୍ବାଦପତ୍ରରେ ଫିଚର୍ ବିଭାଗ ସମ୍ପାଦକ ଭାବେ ଅବସ୍ଥାପିତ । ଶ୍ରୀ ଶତପଥୀ ପୂର୍ବରୁ ସମ୍ବାଦ, ସମୟ, ଓରିଏଣ୍ଟ ଇଙ୍ଗମାନ ପ୍ରଭୃତିରେ ସମ୍ପାଦନା ବିଭାଗରେ ସଫଳତାର ସହିତ କାର୍ଯ୍ୟ କରିଛନ୍ତି । ରାଜ୍ୟର ଜଣେ ସ୍ୱନାମଧନ୍ୟ ଅନୁବାଦକ ଭାବରେ ତାଙ୍କର ଯଥେଷ୍ଟ ଖ୍ୟାତି ରହିଥିବାବେଳେ ସେ ବହୁ ଉପାଦେୟ ପୁସ୍ତକକୁ ମଧ୍ୟ ଓଡ଼ିଆରେ ଅନୁବାଦ କରିଛନ୍ତି । ଏହି ପୁରସ୍କାର ପାଇଁ କବି ଅମରେଶ ପଟ୍ଟନାୟକ, କବି ପ୍ରବାସିନୀ ମହାକୁଡ ତିଡ଼ୀରା ଏବଂ ଅନୁବାଦିକା ସୋନାଲିସା ଜେନା ବିଚାରକ ଭାବେ ଥିଲେ । । ତେବେ ଏହି ପୁରସ୍କାର ପାଇବା ପରେ ଶ୍ରୀ ଶତପଥୀଙ୍କ ସହ ହୋଇଥିବା ବାର୍ତ୍ତାଳାପର କିୟଦଂଶ...

**କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବେ ବୋଲି ପ୍ରଥମେ କାହାଠାରୁ ଜାଣିବାକୁ ପାଇଲେ**

କେନ୍ଦ୍ର ସାହିତ୍ୟ ଏକାଡେମୀ ସଚିବ ନିଜେ ଫୋନ ମାଧ୍ୟମରେ ଜଣାଇଲେ ଯେ ଆପଣଙ୍କୁ ଅନୁବାଦ ସାହିତ୍ୟ ପାଇଁ କେନ୍ଦ୍ର ସାହିତ୍ୟ ପୁରସ୍କାର ଦେବାକୁ ଚୟନ କରାଯାଇଛି ।

**ପୁରସ୍କାର ପାଇବେ ବୋଲି ଆଶା କରିଥିଲେ କି?**

ନାଁ । ମୁଁ ଆଦୌ ଜାଣିନଥିଲି ଯେ ମତେ ଏହି ପୁରସ୍କାର ମିଳିବ ବୋଲି । ଆଶା ବି ନଥିଲା । ତେବେ ପୁରସ୍କାର ମିଳିବା ମୋ ପାଇଁ ଏକ ସାମୟିକ ଆନନ୍ଦ । ଏହାଦ୍ୱାରା ଉଦ୍‌ବେଳିତ ହେବାର କୌଣସି କାରଣ ନାହିଁ ।

**ସାହିତ୍ୟର ଅନେକ ବିଭାଗ ରହିଛି । ଆପଣ ଅନୁବାଦକୁ କାହିଁକି ବାଛିଲେ**

ମୁଁ ବାଣୀବିହାରରେ ପିଜି କରିବା ସମୟରୁ ଅନୁବାଦ ବିଷୟକୁ ବାଛିଥିଲି । ଅନୁବାଦ କରିବାର ଏକ ନିର୍ଦ୍ଦିଷ୍ଟ ଫର୍ମୁଲା ରହିଛି । ଅନୁବାଦ କଳା ପଢ଼ିବାବେଳେ ମୋତେ ବହୁତ ଭଲ ଲାଗିଥିଲା । ଯେମିତି ଅଭିନୟ ତାଲିମ ନେବା ସମୟରେ କିଏ କ'ଣ ହେବ ଜଣାପଡ଼ିନଥାଏ । ଜଣଙ୍କର ଚାଲିଚଳନ, କଥାବାର୍ତ୍ତା, ବଡ଼ି ଲାଙ୍ଗୁଏଜ ଆଦିକୁ ଲକ୍ଷ୍ୟ କରି ଜଣେ ହିରୋ ହେବ କି ଖଳନାୟକ ହେବ ତାହା ନିର୍ଦ୍ଧାରଣ କରାଯାଇଥାଏ । ସେଇଭଳି ପଢ଼ିବା ସମୟରେ କିଏ ଗପ ଲେଖିବ, କି କବିତା ଲେଖିବ କି ଅନୁବାଦ କରିବ ତାହା ସ୍ପଷ୍ଟ ହୋଇଥାଏ । ଗୋଟିଏ ଭାଷାକୁ ପଢ଼ିବା ସମୟରେ ସେଥିରେ ଯଦି କିଛି ଭଲ କଥା ଥାଏ ତେବେ ତାକୁ ନିଜ ଭାଷାରେ ଅନୁବାଦ କରି ଆଣିବାକୁ ମୋର ଆଗ୍ରହ ହୁଏ । ଅନ୍ୟ ଭାଷାକୁ ପଢ଼ିଲେ ବିଶ୍ୱ ସାହିତ୍ୟ ଉପରେ ନିଜର ଦଖଲ ଆସିବ । ବିଶ୍ୱ ଆଖି ସାମ୍ନାରେ ଦେଖାଯିବ । ଗପ ଲେଖିବା ସମୟରେ ମତେ ଯେତିକି ସହଜ ଲାଗିଥାଏ ଅନୁବାଦ କରିବା ସମୟରେ ମଧ୍ୟ ସେତିକି ସହଜ ଲାଗିଥାଏ । ତେଣୁ ଅନୁବାଦ କରିବାକୁ ମୋର ଆଗ୍ରହ ଥାଏ ।

ପ୍ରତିବାଦୀ ସାକ୍ଷାତକାର

**ଅନେକ କବି ନିଜର ଆତ୍ମଜୀବନୀ ଲେଖିଛନ୍ତି । ଆପଣ ରସ୍କିନ ବଣ୍ଡଙ୍କ ଆତ୍ମଜୀବନୀ କାହିଁକି ଅନୁବାଦ କଲେ**

ରସ୍କିନ ବଣ୍ଡ ଭାରତର ସବୁଠାରୁ ଲୋକପ୍ରିୟ ଲେଖକ । ପିଲାଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସବୁ ବର୍ଗର ପାଠକଙ୍କ ପାଇଁ ସେ ଲେଖନ୍ତି । ତାଙ୍କ ଲେଖା ମୋତେ ଓ ତାଙ୍କ ବ୍ୟକ୍ତିତ୍ୱ ମତେ ଭଲ ଲାଗିଛି । ତେଣୁ ମୁଁ ତାଙ୍କ ଲେଖାକୁ ଅନୁବାଦ କରିଛି । ତାଙ୍କ ଲେଖାରେ ସେ ଯେଉଁ ପରିବେଶରେ ରହୁଛନ୍ତି, ତାଙ୍କ ଘର ପିଲ୍ଲତି, ତାଙ୍କ ବନ୍ଧୁ, ଦେଶ ବିଭାଜନ, ତାଙ୍କ ବାପା, ମା ମରିଯିବା ପରେ ସେ କେମିତି ଅନାଥ ହୋଇଗଲେ, କଷ୍ଟରେ ଜୀବନ ବିତାଇଲେ, ନିଜେ ବିବାହ ନକରି ଅନ୍ୟ ଏକ ପରିବାରକୁ ପୋଷଣ କଲେ, ଏପରିକି ସେ ଲେଖିବା ସମୟରେ ଏକ ଭଉଁର କିଭଳି ତାଙ୍କ ମୁଣ୍ଡରେ ବସି ହଇରାଣ କରୁଥିଲା ସେ ବିଷୟରେ ଉଲ୍ଲେଖ କରିଛନ୍ତି । ଅତି ଛୋଟ ଛୋଟ କଥାରୁ କିପରି ସାହିତ୍ୟ ସୃଷ୍ଟି ହୁଏ ତାହା ତାଙ୍କ ଲେଖାରେ ଜାଣିବାକୁ ମିଳେ । ଜଣଙ୍କ ଆତ୍ମଜୀବନୀ ପଢ଼ିବା ଦ୍ୱାରା ସେଇଭଳି ନିଜ ଜୀବନଶୈଳୀକୁ ମାର୍ଜିତ କରିବାର ପ୍ରେରଣା ମିଳିଥାଏ ।

**ଲୁବିପାଇଁ ପୁରସ୍କାର ପାଇବାକୁ ଲବି କରାଯାଏ, ଏନେଇ ଆପଣଙ୍କ ମତ କ'ଣ**

ହଁ ଲବି କରୁଥାଇପାରନ୍ତି । ପୁରସ୍କାର ପାଇବାରେ ଦୁଇଟି ମତ ଥାଏ । ଭଲରେ କିଏ ପାଇଥାଏ ତ ଆଉ କିଏ ଅନ୍ୟ ମାଧ୍ୟମରେ ପାଇଥାଏ । ସେନେଇ ମୋର କୌଣସି ନକରାତ୍ମକ ମନ୍ତବ୍ୟ ନାହିଁ । ନିଜର ଲେଖା ଉପରେ ବିଶ୍ୱାସ ଥିଲେ କେବେ ନା କେବେ ପୁରସ୍କାର ନିଶ୍ଚୟ ମିଳିବ । ତା'ହେବା ପୁରସ୍କାର ପାଇବା ନପାଇବାରେ ମୋର କିଛି ଅସୁବିଧା ନାହିଁ । ପୁରସ୍କାର ପାଇବା ଆଗରୁ ମୁଁ ଯାହା ଥିଲି ପାଇବା ପରେ ମଧ୍ୟ ଠିକ ତାହା ହିଁ ରହିବି । ଏପରିକି ପୁରସ୍କାର ନମିଳିଲେ ମଧ୍ୟ କୌଣସି ଅସୁବିଧା ନାହିଁ ।

**ଯୁବ ସାହିତ୍ୟିକଙ୍କୁ ଆପଣ କି ପ୍ରେରଣା ଦେବେ**

ଯେଉଁ ଯୁବ ସାହିତ୍ୟିକମାନେ ଲେଖାଲେଖି କରୁଛନ୍ତି ସେମାନେ ପ୍ରଥମେ ବହୁତ ପଢ଼ନ୍ତୁ । ପ୍ରଥମେ ପାଠକ ହୁଅନ୍ତୁ । ତା'ପରେ ଲେଖକ ହେବେ । ପାଠକ ସୃଷ୍ଟି ହେଲେ ସାହିତ୍ୟ ସୃଷ୍ଟି ହେବ । ତେବେ ପୁରସ୍କାର ପାଇବାକୁ ଆଶା ନରଖି ଭଲ ଲେଖାଲେଖି ପ୍ରତି ଧ୍ୟାନ ଦିଅନ୍ତୁ । ସଫଳତା ନିଶ୍ଚୟ ମିଳିବ ।